# Akashvani, Sambalpur

## SAMBALPURI NEWS BULLETIN

### 19 April 2024- 6.47- 6.52 am.

*************************************************

ମତଦାନ- ପ୍ରଚାର୍ କାର୍ଯ୍ୟ ଶେଷ୍ ଆର୍ଏନ୍ୟୁ/ ସମ୍ବଲପୁର୍

ଦେଶର୍ ୨୧ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ଶହେ ୨ ଟା ନିର୍ବାଚନ୍ ମଣ୍ଡଲୀଥି ଆଏଜ୍ ପହେଲା ଖେପ୍ ଭୋଟ୍ ହେବା । ଇ ଖେପେ ୧୦ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଇଲାକା ନ ମତଦାନ୍ ପ୍ରକ୍ରିୟା ପୁରା ହେଉଥିବାର୍ ବେଲେ ୧୧ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଇଲାକା ନ ଆଂଶିକ୍ ଭାବେ ଶେଷ୍ ହେବା । ଇଥି ପାଖାପାଖି ୧ ହଜାର୍ ୬ ଶହ ୨୫ ଝନ୍ ପ୍ରାର୍ଥୀଙ୍କର୍ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ୍ ହେବା । ସଖାଲର ୮ ବଜୁ ଉପର୍‌ବେଲା ୫ ବଜେତକ୍ ଭୋଟ୍ ହେବା । ଦୁଇ ପଡୋଶୀ ରାଜ୍ୟ ଛତିଶ୍‌ଗଡ୍ ଆର୍ ପଶ୍ଚିମବଙ୍ଗ୍ ନ ଭୋଟ୍ ହେଉଥିବାର୍‌ନୁ ସୁରକ୍ଷାକେ ନଜର୍‌ଥି ରଖିକରି ରାଜ୍ୟର୍ ସୀମା ଉପ୍‌ରେ କଡ଼ା ନଜର୍ ରଖାଯାଇଛେ । ସୀମ୍‌ନା ଇଲାକା ନ ଗାଡ଼ିମାନ୍‌କେ କଡ଼ାକଡ଼ି ଯାଂଚ୍ କରାଯିବାର୍ ସହେତେ ନକ୍ସଲ୍ ବିରୋଧୀ

ଅପରେସନ୍‌କେ ଜୋର୍‌ଦାର୍ କରାଯାଇଛେ । ସ୍ଥାନୀୟ ପୁଲିସ୍ ଆଉ ସିଆର୍‌ପିଏଫ୍ ଜବାନ୍ ମାନ୍‌କର୍ ତର୍‌ଫୁ ସୀମ୍‌ନାଥି ଥିବା ଗାଁ ମାନ୍‌କେ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛେ ।

ସି-ଭିଜିଲ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ପହେଲା ଖେପେ ମେ ୧୩ ତାରିଖ୍ ଦିନ ଭୋଟ୍ ହେବାର୍‌କେ ଥିବା ଭୋଟ୍ ୪ ଟା ଲୋକ୍‌ସଭା କ୍ଷେତ୍ର ନ ସି-ଭିଜିଲ୍ ଆପ୍ଲିକେସନ୍ ଜରିଏ ଲୋକ୍‌ମାନ୍‌କର୍‌ନୁ ୫ ଶହ ୮୭ ଟା ଅଭିଯୋଗ୍ ଗ୍ରହଣ୍ କରାଯାଇଥିବାର୍ ବେଲେ ସେଥିର୍‌ଭିତ୍‌ରୁ ୫ ଶହ ୮୨ ଟା ଅଭିଯୋଗ୍ ଉପ୍‌ରେ ଅନୁଧ୍ୟାନ୍ କରିକରି ସମାଧାନ୍ କରାଯାଇଛେ ବଲି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ । ଶ୍ରୀ ଧଳ କହିଛନ୍ ଯେ, ସାରା ରାଏଜେ ସି-ଭିଜିଲ୍ ଆପ୍ଲିକେସନ୍ ଜରିଏ ୩ ହଜାର୍ ୮ ଶହ ୭୩ ଟା ଅଭିଯୋଗ୍ ଆସିଛେ । ସେଥିର୍‌ଭିତ୍‌ରେ ୩ ହଜାର୍ ୮ ଶହ ୫୪ ଟା ଅଭିଯୋଗ୍‌ର ସମାଧାନ୍ କରାଯାଇଛେ । ପୋଷ୍ଟର୍ ଆଉ ବେନର୍ ଉପ୍‌ରେ ସବୁନୁ ଅଏତ୍‌କା ଅଭିଯୋଗ୍ ଆସିଛେ । ପୋଷ୍ଟର୍ ଆଉ ବେନର୍ ବାବ୍‌ଦେ ୨୭ ଶହ ଅଭିଯୋଗ୍ ଆସିଥିବାର୍ ବେଲେ ବାକି ଅଭିଯୋଗ୍ ଅଲ୍‌ଗା କ୍ଷେତ୍ର‌ନୁ ରହିଛେ ।

ଅଭିଯୋଗ୍ ପାଏବାର୍ ଶହେ ମିନିଟ୍ ଭିତ୍‌ରେ ୩ ହଜାର୍ ୮୯ ଟା ଅଭିଯୋଗ୍‌ର ସମାଧାନ୍ କରାଯାଇଛେ ବଲି ଶ୍ରୀ ଧଳ କହିଛନ୍ ।

ମାର୍ଚ୍ଚ ୧ ତାରିଖ୍‌ନୁ ଏପ୍ରିଲ୍ ୧୭ ତାରିଖ୍‌ତକ୍ ମୋଟ୍ ଶହେ ୧୮ କୋଟି ୫୬ ଲାଖ୍ ଟଙ୍କାର ନିଶା ଦରବ୍, ସୁନାରୂପା, ଧାତବ ଅଲଙ୍କାର୍ ଆର୍ ନଗଦ ଟଙ୍କା ଜବତ୍ କରାଯାଇଛେ ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀ କହିଛନ୍ ।

ଆଇଟିସିଏମ୍ ସଫଲ୍ ପରୀକ୍ଷା ଆର୍‌ଏନ୍‌ୟୁ / ସମ୍ବଲପୁର

ପ୍ରତିରକ୍ଷା, ଗବେଷଣା ଆଉ ବିକାଶ୍ ସଂଗଠନ୍- ଡିଆର୍‌ଡିଓ ତର୍‌ଫୁ ଚାନ୍ଦିପୁର୍ ଠାନେ ଥିବା ଇଂଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ୍ - ଆଇଟିଆର୍‌ନୁ ସ୍ୱଦେଶୀ ଜ୍ଞାନ୍‌କୌଶଲ୍‌ଥି ତିଆରି କ୍ରୁଜ୍ କ୍ଷେପଣାସ୍ତ୍ର ଆଇଟିସିଏମ୍‌ର ସଫଲ୍ ପରୀକ୍ଷା କରାଯାଇଛେ । ଇ କ୍ଷେପଣାସ୍ତ୍ରର୍ କାର୍ଯ୍ୟଦକ୍ଷତାକେ ରାଡ଼ାର୍, ଇଲେକ୍ଟ୍ରୋ ଅପ୍‌ଟିକାଲ୍ ଟ୍ରାକିଂ ସିଷ୍ଟମ୍ -ଇ.ଓ.ଟି.ଏସ୍ ଆଉ ଆଇ.ଟି.ଆର୍‌ର ଭିନ୍ ଭିନ୍ ଜାଗା ନ ନିୟୋଜିତ ଥିବା ଟେଲିମେଟ୍ରିଥି ନିରୀକ୍ଷଣ୍ କରାଯାଇଥିଲା । ଭାରତୀୟ ବାୟୁସେନାର ଏସ୍.ୟୁ-୩୦ ଏମ୍.କେ.ୱାନ୍ ବିମାନ୍‌ନୁ ଇ କ୍ଷେପଣାସ୍ତ୍ର ଉଡ଼ାନ୍ ଉପ୍‌ରେ ନଜର୍ ରଖାଯାଇଥିଲା । ଇ କ୍ଷେପଣାସ୍ତ୍ର ୱେ- ପଏଂଟ୍ ନେଭିଗେସନ

ବେଭାର୍ କରିକରି ଆବଶ୍ୟକ୍ ପଥ ଅନୁସରଣ୍ କରିଥିଲା ଆଉ ଖୋବ୍ କମ୍ ଉଚ୍ଚାର୍ ସମୁଦ୍ର ସ୍କିମିଂ ଉଡ଼ାନ୍ ପରିଦର୍ଶନ୍ କରିଥିଲା । ବେଙ୍ଗାଲୁରୁର ଗେସ୍ ଟର୍‌ବାଇନ୍ ରିସର୍ଚ୍ଚ ଏଷ୍ଟାବ୍ଲିସ୍‌ମେଂଟ୍‌ଥି ବିକଶିତ୍ କି ସ୍ୱଦେଶୀ ପ୍ରପଲ୍‌ସନ୍ ସିଷ୍ଟମ୍ ସଫଲ୍‌ତାର୍ ସହେତେ କାମ୍ କରିଥିବାର୍ ଜନାପଡ଼ିଛେ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ୍ ସିଂ ଆଇଟିସିଏମ୍‌ର ସଫଲ୍ ଉଡ଼ାନ୍ ଲାଗି ଡିଆର୍‌ଡିଓର ବୈଜ୍ଞାନିକ୍ ମାନ୍‌କୁ ଅଭିନନ୍ଦନ୍ ଜନେଇଛନ୍ । ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଭିଲ୍ ସାମାଜିକ ଗଣମାଧ୍ୟମ୍ ଜରିଏ ଡିଆର୍‌ଡିଓକେ ଶୁଭେଚ୍ଛା ଜନେଇଛନ୍ ।

ପୁଲିଂ କର୍ମଚାରୀ- ଏୟାର୍ ଏମ୍ବୁଲେନ୍ସ/ଆର୍‌ଏନ୍‌ୟୁ / ସମ୍ବଲପୁର

ଭୋଟ୍ କାମ୍‌ଥି ଲାଗିଥିବା ପୁଲିଂ କର୍ମଚାରୀ ମାନ୍‌କୁ ଏୟାର୍ ଏମ୍ବୁଲେନ୍ସ ଚିକିତ୍ସା ସୁବିଧା ମିଲ୍‌ବା ବଲି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ଯଦି କେନ୍‌ସି କର୍ମଚାରୀ ଅସୁସ୍ଥ ହେଲେ ତାଙ୍କୁ ଜଲ୍‌ଦି ପାଖର୍ ହସ୍ପିଟାଲ୍‌କେ ନିଆଯିବା ଆଉ ଦର୍‌କାର୍ ପଡ଼୍‌ଲେ ଏୟାର୍ ଏମ୍ବୁଲେନ୍ସ ବ୍ୟବସ୍ଥା କରାଯିବା । ଅସୁସ୍ଥଙ୍କୁ ଏୟାର୍‌ବେସ୍ ସୁବିଧା ଥିବା ପାଖର୍ ହସ୍ପିଟାଲ୍‌କେ ଏୟାର୍‌ଲିଫ୍ଟ କରାଯିବା । ଅତିରିକ୍ତ ଡିଏମ୍‌ଇଟି ପ୍ରଫେସର୍ ଡାକ୍ତର୍

ଉମାକାନ୍ତ ଶତ୍‌ପଥୀଙ୍କୁ ନୋଡ଼ାଲ୍ ଅଫିସର୍ ଭାବେ ନିଯୁକ୍ତି ଦିଆଯାଇଛେ ।

ଏସ୍.ଭି.ଇ.ଇ.ପି.-ବୈଠକ୍          ଆର୍‌ଏନ୍‌ୟୁ /  ସମ୍ବଲପୁର

ସମ୍ବଲପୁର୍ ଜିଲ୍ଲାପାଲ୍ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍‌ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଏକକାଳୀନ ସାଧାରଣ ନିର୍ବାଚନ୍ ୨୦୨୪ ବାବ୍‌ଦେ ଏସ୍.ଭି.ଇ.ଇ.ପି. କାର୍ଯ୍ୟକଳାପ ବାବ୍‌ଦେ ଗୁଟେ ବୈଠକ୍ ହେଇଯାଇଛେ । ଭୋଟ୍ ଦିନ୍‌କେ ଛୁଟି ଦିନ୍ ନାଇଁ ଭାବିକରି କର୍ତବ୍ୟ ଦିନ୍ ବଲି ଭାବ୍‌ବାର୍ ଉଚିତ୍ ବଲି ଜିଲ୍ଲାପାଲ୍ କହିଛନ୍ । ଭୋଟର୍ ଦାଦା ଆଉ ଭୋଟର୍ ନାନୀର ପୋଷ୍ଟର୍‌ଥି ଗୁଟେ କ୍ୟୁଆର୍ କୋଡ଼ ଲଗାବାର୍‌କେ ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଛନ୍ । ବୈଠକ୍‌ଥି ଘରୋଇ ବସ୍ ସଂଘ, ହୋଟେଲ୍ ମାଲିକ ସଂଘ, ପେଟ୍ରୋଲ୍‌ପମ୍ପ ମାଲିକ୍ ସଂଘ ଆଉ ବ୍ୟବସାୟୀ ସଂଘ ସହେତେ ଅଲ୍‌ଗା ବ୍ୟବସାୟୀ ସଂଘର୍ କର୍ମକର୍ତାମାନେ ଯୋଗ୍ ଦେଇଥିଲେ ।

ଜେଇଇ ମେନ୍ ସେସନ୍ -୨ ରିଜଲ୍ଟ       ଆର୍‌ଏନ୍‌ୟୁ          / ସମ୍ବଲପୁର

ଯୁଗ୍ମ ପ୍ରବେଶିକା ପରୀକ୍ଷା ଜେଇଇ ମେନ୍ ସେସନ୍ -୨ ର ରିଜଲ୍ଟ ଏପ୍ରିଲ୍ ୨୦ ତାରିଖ୍‌ତକ୍ ବାହାର୍‌ବା ବଲି ନେସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଏନ୍‌ଟିଏର www.jeemain.nta.ac.in ଥି ଫାଇନାଲ୍ ରିଜଲ୍ଟ ମିଲିପାର୍‌ବା ।

ଇପିଏଫ୍‌ଓ ଜମା ଉଠାଣ୍ ଆର୍‌ଏନ୍‌ୟୁ / ସମ୍ବଲପୁର

କର୍ମଚାରୀ ଭବିଷ୍ୟନିଧି ସଂଗଠନ୍- ଇପିଏଫ୍‌ଓ ଜମା ଉଠାଣ୍ କ୍ଷେତ୍ରଥି ଗୁଟେ ନୂଆଁ ନିୟମ୍ ଘୋଷ୍‌ନା କରିଛେ । ଇପିଏଫ୍‌ଓ ତର୍‌ଫୁ ଜାରି ସର୍କୁଲାର୍ ଅନ୍‌ସାରେ ଧାରିଜ୍ ବ୍ୟବସ୍ଥା ଭିତ୍‌ରେ ସ୍ୱାସ୍ଥ୍ୟଗତ କାରଣ୍‌ନୁ ସ୍ୱୟଂକ୍ରିୟ ଉଠାଣ ପରିମାଣ ୫୦ ହଜାର୍‌ନୁ ୧ ଲାଖ୍ ଟଙ୍କାକେ ବଢ଼ାଯାଇଛେ । ଇଟା ଗଲା ୧୦ ତାରିଖ୍‌ନୁ କାର୍ଯ୍ୟକାରୀ ହେଇଛେ ।

ବିଶ୍ୱ ଯକୃତ ଦିବସ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ବିଶ୍ୱ ଯକୃତ ଦିବସ୍ । ୨୦୧୦ ମସିହା ଆଝିର୍ ଦିନେ ୟୁରୋପ୍ଥି ଇ ଦିବସ୍ ପହେଲା ପାଲନ୍ କରାଯାଇଥିଲା । ୟୁରୋପ୍ର ଲୋକ୍ମାନ୍କୁ ଯକୃତର ସମସ୍ୟା ବାବ୍ଦେ ସଚେତନ୍ କର୍ବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଇଥିଲା । ୨୦୧୯ ମସିହାଥି ବିଏମ୍ସି ପବ୍ଲିକ୍ ହେଲ୍ଥ୍ ଜର୍ଣ୍ଣାଲ୍ର ରିପୋର୍ଟ ଅନ୍ସାରେ ଯକୃତ ଖରାପ୍ ହେଇକରି ମୃତ୍ୟୁ ହେବାର୍ଥି ଭାରତ୍ ନ ସବୁନୁ ଅଏତ୍କା ଆଏ ।

ନୌସେନା ମୁଖ୍ୟ ଆଡ଼ମିରାଲ୍ ଆର୍ଏନ୍ୟୁ / ସମ୍ବଲପୁର

ଭାଇସ୍ ଆଡ଼ମିରାଲ୍ ଦୀନେଶ୍ କୁମାର୍ ତ୍ରିପାଠୀଙ୍କୁ ନୌସେନାର ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛେ । ଏଛେନ୍ର ନୌସେନା ମୁଖ୍ୟ ଆଡ଼ମିରାଲ୍ ଆର୍. ହରିକୁମାର୍ ଇ ମାସର୍ ୩୦ ତାରିଖ୍ ଦିନ ଅବସର ନେବେ ।